

# ଶ୍ରୀ ପଦ୍ଧତିରେ ମାଣ୍ଡିଆ ଚାଷ

**ଶ୍ରୀ ପଦ୍ଧତିରେ ମାଣ୍ଡିଆ ଚାଷ ଅବଲମ୍ବନ କରି ହେକ୍ଟର ପିଛା ୧୫-୨୦ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ ମିଳିପାରିବ ।**



## ଚାଷୀ ଚୟନ:

- ନିଜର ଢିପ ବା ହିଡ଼ ଥିବା ସମତଳ ଜମି ଥିବ ।
- ଆବଶ୍ୟକ ସ୍ଥଳେ ପାଣିମଢ଼େଇବାର ବ୍ୟବସ୍ଥା ଥିବ ।
- ଉନ୍ନତ ପ୍ରଣାଳୀରେ ଚାଷ କରିବାର ଅଭିଜ୍ଞତା ଥିବ ।



## ବିହନ ଚୟନ

- ମାଟିର ପ୍ରକାର ଏବଂ ଶସ୍ୟ ର ସମୟକୁ ଧ୍ୟାନ କୁ ନେଇ ସ୍ଥାନୀୟ ବିହନ ଚୟନ କରନ୍ତୁ ।
- ଏକର ପିଛା ୫୦୦ ଗ୍ରାମ ସଫା, ନିରୋଗୀ ଏବଂ ୮୦% ରୁ ଅଧିକ ଗଜା ହେବା ବିହନ ଆବଶ୍ୟକ ।
- ବୀଜାମୃତ ବା ଗୋମୁତ୍ର ରେ ବିହନ ବିଶୋଧନ କରିବେ ।



## ତଳି ଘେରା ପ୍ରସ୍ତୁତି

- ଏକ ଏକର  ପାଇଁ ୪୦ ବର୍ଗ ମିଟର ଜମି ତଳି ଘେରା ପାଇଁ ଆବଶ୍ୟକ ।
- ବିହନକୁ ବୁଣିବା ପାଇଁ ତଳି ଶଯ୍ୟା ପ୍ରସ୍ତୁତ କରନ୍ତୁ ।
- ବିହନକୁ ବାଲି କିମ୍ବା ଜିଆ ଖତ ମିଶାଇ ପତଳା କରି ବୁଣନ୍ତୁ ।
- ମାଟିର ଉର୍ବରତା ଏବଂ ତଳିର ସୁସ୍ଥ ଚେର ନିମନ୍ତେ, ୫ରୁ ୭ ଦିନ ମଧ୍ୟ ରେ ଜୀବାମୃତକୁ ତଳିଶଯ୍ୟାରେ ପ୍ରୟୋଗ କରନ୍ତୁ ।



## ଜମି ପ୍ରସ୍ତୁତି

- ମାର୍ଚ୍ଚ ଓ ଏପ୍ରିଲ ମାସରେ ଜମିକୁ ଖରାଟିଆ ଚାଷ କରନ୍ତୁ ।
- ବର୍ଷା ପଡିବା ପରେ ଜମିକୁ ଦୁଇ ରୁ ତିନି ଥର ହଳ କରନ୍ତୁ ।
- ଶେଷ ଥର ହଳ କରିବା ପୂର୍ବରୁ ଏକର ପିଛା ୨୦ ରୁ ୩୦ କୁଇଣ୍ଟାଲ ସଢ଼ା ଗୋବର ଖତ କିମ୍ବା ୧୦ ରୁ ୧୫ କୁଇଣ୍ଟାଲ ଘନଜୀବାମୃତ ମୂଳ ସାର ରୂପେ ପ୍ରୟୋଗ କରି ହଳ କରି ମାଟିରେ ମିଶାନ୍ତୁ ।



## ତଳି ରୋପଣ

- ଚାରାଗୁଡ଼ିକ ୧୫ ରୁ ୨୦ ଦିନର ହୋଇଗଲେ, ତଳିଶଯ୍ୟାରୁ ଏକ ଟିଣ ପାତିଆ ସାହାଯ୍ୟରେ ମାଟି ସହ ସାବଧାନତା ସହ ଉଠାନ୍ତୁ ।
- ଉଭୟ ଧାଡି କୁ ଧାଡି ଓ ଗଛ କୁ ଗଛ ୨୫ ସେମି ବା ୧୦ ଇଞ୍ଚ ଦୂରତାରେ ଏକ ଚିହ୍ନ ଦେଇ ଚାରଗୁଡ଼ିକ ବର୍ଗାକାରରେ ଲଗାନ୍ତୁ ।
- ତଳିଶଯ୍ୟାରୁ ତଳି ଉପାଡିବାର ଅଧ ଘଣ୍ଟା ମଧ୍ୟରେ ରୋପା କରିବେ ।
- ପ୍ରତି ବୁଦାରେ ଗୋଟିଏ ଲେଖା ତଳି ରୋପନ୍ତୁ ।



## ଘାସ ପରିଚାଳନା

- ସାଇକେଲ ଘାସବଛା ଯନ୍ତ୍ର ବ୍ୟବହାର କରି ରୋପିବାର ୧୦-୧୫ ଦିନ ବ୍ୟବଧାନରେ ଘାସ ବାଛନ୍ତୁ
- ମାଟିରେ ବତର ଥିବା ସମୟରେ ସାଇକଲ ଉଇଡ଼ର ଚଳାଇବେ ।
- ଉଇଡ଼ର ଚଳାଇବା ସମୟରେ ଗଛର ଚେର ଓ ପିଲ ଯେପରି ଅକ୍ଷତ ରହିବା ସେଥି ପ୍ରତି ଧ୍ୟାନ ଦେବେ ।
- ଘାସ  ପରିଚାଳନା ପରେ ପରେ ଏକର ପିଛା ୨୦୦ ଲିଟର ଜୀବାମୃତ ମାଟିରେ ପ୍ରୟୋଗ କରନ୍ତୁ ।



## ସୁରକ୍ଷିତ ଜଳ ସେଚନ

- ଯଦି ଶସ୍ୟ ଫୁଲ ଧରିବା ସମୟରେ ବର୍ଷା ନହୁଏ, ତେବେ ଜମିରେ ଆଦ୍ରତା ଦେଖି ଜଳ ସେଚନ କରିବା ଦରକାର ।



## ଜୈବିକ ପଦ୍ଧତିରେ କୀଟ ପରିଚାଳନା

- ୧୫ ଦିନ ବ୍ୟବଧାନରେ ଫସଲରେ ହାଣ୍ଡିଖତ ନିର୍ଯାସରେ ୨୦ ରୁ ୪୦ ଗୁଣ ପାଣି ମିଶାଇ ପତ୍ର ସିଞ୍ଚନ  କରନ୍ତୁ ।
- ବଜାରରେ ମିଳୁଥିବା ନିମ୍ବ ଜାତୀୟ ଔଷଧ ବିଭିନ୍ନ କୀଟ ଦାଉରୁ ରକ୍ଷା ପାଇଁ ପ୍ରୟୋଗ କରନ୍ତୁ ।
- ଶସ୍ୟରେ ରୋଗ ହେଲେ ଏକର ପିଛା ୫ ଲିଟର ଦହି ଚଲ୍ଲାରେ ୫୦ ଲିଟର ପାଣି ମିଶାଇ କିମ୍ବା ୧ ଲିଟର ଦେଶୀ ଗାଈ ମୁତ୍ରରେ ୧୦ ଲିଟର ପାଣି ମିଶାଇ ପତ୍ର ସିଞ୍ଚନ କରନ୍ତୁ ।



## ଶସ୍ୟ ଅମଳ

- ମାଣ୍ଡିଆ ଖେଡ ଗୁଡ଼ିକୁ କାଟିବା ପରେ ତାରପୋଲିନ ଉପରେ ଟାଣ ଖରାରେ ଶୁଖାନ୍ତୁ ।
- ଖେଡ ଗୁଡ଼ିକ ଭଲ ଭାବରେ ମଳି ସେଥିରେ ଥିବା ଧୂଳି, ବାଲି ଏବଂ ଅନ୍ୟ ଶସ୍ୟର ମଞ୍ଜି ଅଲଗା କରନ୍ତୁ।